# NATIONAL NEWS BULLETIN (ODIA)

## 12 March - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆତ୍ମନିର୍ଭରଶୀଳ ଭାରତ ବିନା ବିକଶିତ ଭାରତର ବିଜନ ସମ୍ଭବ ନୁହେଁ।
- ହରିୟାନା ବିଜେପି ସଭାପତି ନୟାବ ସିଂ ସାଇନି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ।
- ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ  ଅରୁଣାଚଳ ପ୍ରଦେଶରେ ୨୬୫ କିଲୋମିଟର ଜାତୀୟ ରାଜପଥର ନିର୍ମାଣ ପାଇଁ ୬ ହଜାର ୬୨୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମରିସସ୍ ନ୍ୟାସନାଲ ଡେ' ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଛନ୍ତି।

ଏବଂ

- ଭାରତର ପି.ଭି. ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ମହିଳା ସିଙ୍ଗିଲ୍‌ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ପିଏମ୍-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆତ୍ମନିର୍ଭରଶୀଳ ଭାରତ ବିନା ବିକଶିତ ଭାରତର ଭିଜନ ସମ୍ଭବ ନୁହେଁ। ସେ କହିଛନ୍ତି, ଦେଶ ଯଦି ବିକଶିତ ହେବାକୁ ଚାହେଁ, ତେବେ ଆମକୁ ଅନ୍ୟମାନଙ୍କ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ରାଜସ୍ଥାନର ପୋଖରାନ ଠାରେ ଭାରତ ଶକ୍ତି ସମରାଭ୍ୟାସର ପରିଦର୍ଶନ କରି ଏହା କହିଛନ୍ତି। ସେଠାରେ ତିନି ବାହିନୀର ପ୍ରତିରକ୍ଷା ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଗୁଡ଼ିକର ପ୍ରଦର୍ଶନ ହୋଇଛି। ସେଗୁଡ଼ିକ ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ଆଜି ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ଚାହୁଁଛି। ସେ କହିଛନ୍ତି, ତିନିବାହିନୀର ଯୋଦ୍ଧାମାନେ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି, ଯେଉଁଗୁଡ଼ିକ ଭାରତରେ ନିର୍ମିତ ହୋଇଛି।

ଶ୍ରୀ ମୋଦୀ କହିଛନ୍ତି, ଗତ ୯ ବର୍ଷ ମଧ୍ୟରେ ଦେଶକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ନୀତି ନିର୍ଦ୍ଧାରଣରେ ଅନେକ ସଂସ୍କାର ଅଣାଯାଇଛି ଓ ବେସରକାରୀ କ୍ଷେତ୍ରକୁ ଜଡ଼ିତ କରାଯାଇଛି। ଉତ୍ତର ପ୍ରଦେଶ ଓ

ତାମିଲନାଡୁରେ ପ୍ରତିରକ୍ଷା କରିଡ଼ର ମାନ ନିର୍ମାଣ କରାଯାଉଛି। ସେଗୁଡ଼ିକରେ ଏ ପର୍ଯ୍ୟନ୍ତ ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଓ ଏସିଆର ସର୍ବବୃହତ ହେଲିକପ୍ଟର ଉତ୍ପାଦନ କମ୍ପାନୀ ଭାରତରେ କାର୍ଯ୍ୟ ଆରମ୍ଭ କରିଛି। ସେ କହିଛନ୍ତି, ଭାରତୀୟ କମ୍ପାନୀଗୁଡ଼ିକ ଠାରୁ ଶହ ଶହ ସାମରିକ ସରଞ୍ଜାମ କ୍ରୟ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ଦେଶୀୟ କମ୍ପାନୀଗୁଡ଼ିକ ଠାରୁ ୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କିଣାଯାଇଛି। ପ୍ରତିରକ୍ଷା ଉତ୍ପାଦନ ଦ୍ୱିଗୁଣିତ ବୃଦ୍ଧି ପାଇ ୧ ଲକ୍ଷ କୋଟି ଟଙ୍କାରେ ପହଁଞ୍ଚିଛି। ଏହି ସମୟରେ ୧୫୦ରୁ ଅଧିକ ନୂଆ ଷ୍ଟାର୍ଟ-ଅପ୍ ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଓ ପ୍ରତିରକ୍ଷା ବାହିନୀ ଗୁଡ଼ିକ ଠାରୁ ଅର୍ଡର ପାଉଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇଛି। ସେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଭାରତ ଅନେକ ନୂଆ ଯନ୍ତ୍ରପାତି ନିର୍ମାଣ କରିଛି। ଭାରତରେ ପଞ୍ଚମ ପିଢ଼ିର ଯୁଦ୍ଧବିମାନ ନିର୍ମାଣ କରାଯିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଥିବା ବିଷୟ ସେ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଦିନେ ସବୁଠୁ ଅଧିକ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ କରୁଥିଲା, ଯେତେବେଳେ କି ବର୍ତ୍ତମାନ ଏହା ସେଗୁଡ଼ିକୁ ରପ୍ତାନୀ କରୁଛି। ୨୦୧୪ ତୁଳନାରେ ଭାରତର ରପ୍ତାନୀ ୮ ଗୁଣା ବୃଦ୍ଧି ପାଇଛି।

କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ, ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ସି.ଡି.ଏସ୍.- ଜେନେରାଲ ଅନିଲ ଚୌହ୍ୱାନ ଓ ତିନିବାହିନୀର ମୁଖ୍ୟ ଯୋଗ ଦେଇଥିଲେ।

## ପିଏମ୍-ସେମିକଣ୍ଡକ୍ଟର ପ୍ରୋଜେକ୍ଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭିଡିଓ କନଫରେନ୍ସିଂ ମାଧ୍ୟମରେ **'India's Techade: Chips for Viksit Bharat'** କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଓ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ମୂଲ୍ୟର ତିନୋଟି ସେମିକଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଦେଶର ଯୁବାମାନଙ୍କୁ ଉଦ୍‌ବୋଧନ ଦେବେ।

ସେମିକଣ୍ଡକ୍ଟର ଡିଜାଇନ, ଉତ୍ପାଦନ ଓ ବୈଷୟିକ ଜ୍ଞାନ ବିକାଶ କ୍ଷେତ୍ରରେ ଭାରତକୁ ଏକ ମୁଖ୍ୟ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଭିଜନ ଅନୁସାରେ ଏହି ପ୍ରକଳ୍ପଗୁଡ଼ିକ ଆରମ୍ଭ ହେବ। ଏଗୁଡ଼ିକ ଦେଶର ଯୁବାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାକ ଯୁବା, କଲେଜ ଛାତ୍ରଛାତ୍ରୀ ଓ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରର ପେଶାଦାରମାନେ ଅଂଶଗ୍ରହଣ କରିବେ।

# ହରିୟାନା ସିଏମ୍ ରିଜାଇନ୍

ହରିୟାନା ବିଜେପି ସଭାପତି ନୟାବ ସିଂ ସାଇନି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ପାର୍ଟି ବିଧାୟକ ଜେ.ପି. ଦଲାଲ ସାମ୍ବାଦିକମାନଙ୍କୁ କହିଛନ୍ତି, ଶ୍ରୀ ସାଇନି ଆଜି ସନ୍ଧ୍ୟାରେ ଶପଥ ନେବେ। ହରିୟାନା ଦାୟିତ୍ୱରେ ଥିବା ବିଜେପି ନେତା ବିପ୍ଲବ ଦେବ’ ନୟାବ ସିଂ ସାଇନିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନେତୃତ୍ୱ ପରିବର୍ତ୍ତନର ତଦାରଖ ପାଇଁ ବିପ୍ଲବ ଦେବ ଓ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ହରିୟାନା ଯାଇଥିଲେ।

କୁରୁକ୍ଷେତ୍ରରୁ ଏମ୍.ପି. ଥିବା ଶ୍ରୀ ସାଇନି ରାଜ୍ୟ ବିଜେପି ବିଧାୟକ ଦଳର ନେତାଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ପାର୍ଟି ବୈଠକ ପରେ ସେ ହରିୟାନା ରାଜ୍ୟପାଳ ଭବନକୁ ଯାଇଥିଲେ ଓ ସରକାର ଗଠନ ପାଇଁ ଆନୁଷ୍ଠାନିକ ଭାବେ ଦାବି ଉପସ୍ଥାପନ କରିଥିଲେ। ଲୋକସଭା ନିର୍ବାଚନ ଘୋଷଣା ହେବା ପୂର୍ବରୁ ହରିୟାନାରେ ବିଜେପି ଓ ଜନନାୟକ ଜନତା ପାର୍ଟି ମଧ୍ୟରେ ମେଣ୍ଟ ଭାଙ୍ଗିଯିବା ପରେ ଏହି ଘଟଣା ଘଟିଛି।

ଆମ ସମ୍ବାଦଦାତା ଜଣାଇଛନ୍ତି, ୯୦ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପି ପ୍ରତି ୪୫ ରୁ ଅଧିକ ବିଧାୟକଙ୍କର ସମର୍ଥନ ଥିବା କଥା ପାର୍ଟି ଦାବି କରୁଛି। ବିଜେପିର ୪୧ ଜଣ ବିଧାୟକ

ଥିବାବେଳେ ୬ ଜଣ ନିର୍ଦ୍ଦଳୀୟ ବିଧାୟକ  ରହିଛନ୍ତି। ସେମାନେ ଶାସକ ମେଣ୍ଟର ଅଂଶୀଦାର ଥିଲେ ଓ ସେମାନେ ସମର୍ଥନ ଦେବାର ଅନୁମାନ କରାଯାଉଛି।

## ଗଡ଼କରୀ-ନ୍ୟାସନାଲ ହାଇୱେ

ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଅରୁଣାଚଳ ପ୍ରଦେଶରେ ୨୬୫ କିଲୋମିଟର ଜାତୀୟ ରାଜପଥର ନିର୍ମାଣ ପାଇଁ ୬ ହଜାର ୬୨୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଏହି ରାଜପଥ ଗୁଡ଼ିକର ନିର୍ମାଣ ଦ୍ୱାରା ଦେଶର ସୀମା ଇଲାକାର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଘଟିବ। ସେ କହିଛନ୍ତି, ଏହି ସୀମାନ୍ତ ରାଜପଥ ଦେଶାନ୍ତରଣକୁ ରୋକିବା ସହ ଅରୁଣାଚଳ ପ୍ରଦେଶର ସୀମା ଇଲାକାକୁ ଆଗମନ ବୃଦ୍ଧି କରିବ।

ଶ୍ରୀ ଗଡ଼କରୀ କର୍ଣ୍ଣାଟକର ବେଲାରି ଓ ଅନନ୍ତପୁର ଜିଲ୍ଲା ଦେଇ ୧୩ କିଲୋମିଟର ଜାତୀୟ ରାଜପଥ ପାଇଁ ୬୨୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ସେ ୩୭୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

# ପ୍ରେସିଡେଣ୍ଟ-ନ୍ୟାସନାଲ ଡେ’ ସେଲିବ୍ରେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମରିସସ୍ ନ୍ୟାସନାଲ ଡେ’ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଛନ୍ତି । ମରିସସ୍‌ର ଚାମ୍ପ୍ ଡି’ ମାର୍ସ ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମରିସସ୍ ରାଷ୍ଟ୍ରପତି ପୃଥ୍ୱୀରାଜ ସିଂ ରୁପୁନ୍, ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନ୍ନାଥ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲେ ।

୧୯୬୮ ମସିହାର ଆଜିର ଦିନରେ ୟୁନିଅନ୍ ଜାକ୍‌କୁ ଭାଙ୍ଗି ଦିଆଯାଇ ଚାମ୍ପ୍ ଡି’ ମାର୍ସରେ ମରିସସ୍‌ର ପତାକା ଉତ୍ତୋଳନ କରାଯାଇଥିଲା । ବ୍ରିଟିଶ ଗଭର୍ଣ୍ଣର ସାର୍ ଜନ ଶ’ ରେନି ଓ ମରିସସ୍‌ର ପ୍ରଥମ ପ୍ରଧାନମନ୍ତ୍ରୀ ସାର୍ ସିଓ୍ବୁ ସାଗର ରାମଗୁଲାମଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜି ମରିସସ୍ ନ୍ୟାସନାଲ ଡେ’ ଉତ୍ସବ ପାଳନ ସମୟରେ ମରିସସ୍ ଜାତୀୟ ପତାକା ଉତ୍ତୋଳନ ସହ ୨୧ଟି ତୋପ ସଲାମୀ ଦିଆଯାଇଛି । ଭାରତୀୟ ନୌବାହିନୀ ହେଲିକପ୍ଟର ଫ୍ଲାଏ ପାଷ୍ଟରେ ଭାଗ ନେଇଥିବା ବେଳେ ଭାରତ ନୌବାହିନୀ କଣ୍ଟିଜେଣ୍ଟ ମାର୍ଚ୍ଚ ପାଷ୍ଟରେ ଭାଗ ନେଇଥିଲା । ମରିସସ୍ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ପରିବେଷଣ କରିଛନ୍ତି ।

## ଇଏମ୍-ବେଲାରୁଷ୍ ଏଫ୍ଏମ୍

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର' ବେଲାରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଆଲେନିକ୍‌ଙ୍କ ସହ ନୂଆଦିଲ୍ଲୀରେ କଥାବାର୍ତ୍ତା କରିଛନ୍ତି। ବେଲାରୁଷ୍ ବୈଦେଶିକ ମନ୍ତ୍ରୀ ଭାରତକୁ ତିନିଦିନ ଗସ୍ତରେ ଆସିଛନ୍ତି। ଶ୍ରୀ ଜୟଶଙ୍କର କହିଛନ୍ତି, କଥାବାର୍ତ୍ତାରେ ଦ୍ୱିପକ୍ଷୀୟ, ରାଜନୈତିକ, ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କର ସମୀକ୍ଷା କରାଯାଇଛି। ବିକାଶ ଭାଗିଦାରୀ, ପ୍ରତିରକ୍ଷା, ବିଜ୍ଞାନ ଓ ବୈଷୟିକ ଜ୍ଞାନ ଏବଂ ଶିକ୍ଷା କ୍ଷେତ୍ର ଉପରେ ମତର ଆଦାନ ପ୍ରଦାନ ହୋଇଛି। ଦୁଇ ମନ୍ତ୍ରୀ ଆଞ୍ଚଳିକ ପରିସ୍ଥିତି ଓ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ, ସାଂଘାଇ ସହଯୋଗ ସଂଗଠନ ଏବଂ ଜାତିସଂଘରେ ସହଯୋଗ ବିଷୟରେ ଆଲୋଚନା କରିଛନ୍ତି।

ଆମ ସମ୍ବାଦଦାତା ଜଣାଇଛନ୍ତି ଭାରତ ଓ ବେଲାରୁଷ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଉଭୟ ଦେଶ ବାଣିଜ୍ୟ, ଅର୍ଥନୀତି, ପ୍ରତିରକ୍ଷା, ନିରାପତ୍ତା, ଶିକ୍ଷା, ସଂସ୍କୃତି, ବିଜ୍ଞାନ ଓ ବୈଷୟିକ ଜ୍ଞାନ ଭଳି କ୍ଷେତ୍ରରେ ପରସ୍ପରକୁ ସହଯୋଗ କରୁଛନ୍ତି।

## ଥାଇଲାଣ୍ଡ-କମିଶନ

ଥାଇଲାଣ୍ଡ ନିର୍ବାଚନ କମିଶନ କହିଛି, ଦେଶର **Move Forward Party** କୁ ଭଙ୍ଗ କରିବାକୁ ଏହା **Constitutional Court** କୁ କହିବ।

ଥାଇଲାଣ୍ଡ ନିର୍ବାଚନ କମିଶନ କହିଛି, **Move Forward Party** ପାର୍ଟିକୁ ଭଙ୍ଗ କରିବା ପାଇଁ ସର୍ବସମ୍ମତ ରାୟ ପ୍ରକାଶ ପାଇଛି। **Move Forward Party** ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅବମାନନା କରିଛି। ରାଜା ରାଷ୍ଟ୍ର ମୁଖ୍ୟ ହେବା ଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାର ଅବମାନନା କରାଯାଇଛି। ଗତବର୍ଷର ସାଧାରଣ ନିର୍ବାଚନରେ **Move Forward Party** ସର୍ବାଧିକ ଆସନରେ ବିଜୟୀ ହୋଇଥିଲା।

ଗଣମାଧ୍ୟମର ଖବର ଅନୁସାରେ **Move Forward Party** ଏହାର ନିର୍ବାଚନ ପ୍ରଚାର ସମୟରେ ଥାଇଲାଣ୍ଡର ଆଇନରେ ସଂସ୍କାର ଆଣିବାକୁ ପ୍ରତିଶ୍ରୁତି ଦେଇଥିଲା। ଥାଇ ରାଜତନ୍ତ୍ରର ଅପମାନ ବିରୁଦ୍ଧରେ ଆଇନରେ ପରିବର୍ତ୍ତନ ଆଣିବାକୁ ଏହି ପାର୍ଟି କହିଥିଲା।

## ହାଇତି ପିଏମ୍ ରେଜିନେସନ୍

ହାଇତି ପ୍ରଧାନମନ୍ତ୍ରୀ ଏରିଏଲ୍ ହେନେରୀ ଇସ୍ତଫା ଦେଇଛନ୍ତି। ଗତକାଲି ଆଞ୍ଚଳିକ ନେତାମାନେ ଜାମାଇକାରେ ମିଳିତ ହୋଇ ହାଇତିରେ ରାଜନୈତିକ ପରିବର୍ତ୍ତନ ପାଇଁ ଆଲୋଚନା କରିବା ପରେ ଏହା ଘଟିଛି। ତାଙ୍କର ଇସ୍ତଫା ବିଷୟରେ ଏକ ଭିଡିଓ ବାର୍ତ୍ତାରେ ଘୋଷଣା କରି ସେ ଦେଶର ନାଗରିକମାନଙ୍କୁ ଶାନ୍ତ ରହିବାକୁ ନିବେଦନ କରିଛନ୍ତି। ଶ୍ରୀ ହେନେରୀଙ୍କୁ ସଶସ୍ତ୍ର ଗୋଷ୍ଠୀଗୁଡ଼ିକ ସ୍ୱଦେଶ ଆସିବାକୁ ରୋକିବା ପରେ

ସେ ପୁଏର୍ତ୍ତୋ ରିକୋରେ ଅଟକି ରହିଥିଲେ। ସ୍ଥାନୀୟ ଗଣମାଧ୍ୟମର ଖବର ଅନୁସାରେ, ଅସ୍ତ୍ରଶସ୍ତ୍ର ସହ ବହୁ ଗୋଷ୍ଠୀ  ରାଜଧାନୀ ପୋର୍ଟ-ଅଉ-ପ୍ରିନ୍ସ ର ରାସ୍ତାଘାଟକୁ ଅବରୋଧ କରି ରଖିଥିଲେ। ବନ୍ଦୀମାନଙ୍କୁ ଖଲାସ କରିବାକୁ ସେହି ଗୋଷ୍ଠୀଗୁଡ଼ିକ ମୁଖ୍ୟ ଜେଲ୍ ଉପରେ ଆକ୍ରମଣ କରିଛନ୍ତି। ରାଜଧାନୀ ପୋର୍ଟ-ଅଉ-ପ୍ରିନ୍ସ ଓ ଆଖପାଖ ଅଞ୍ଚଳରେ ମାସେ ଧରି ଜରୁରୀକାଳୀନ ପରିସ୍ଥିତି ଲାଗି ରହିଛି।

## ବ୍ୟାଡମିଣ୍ଟନ

ଭାରତର ପି.ଭି. ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ମହିଳା ସିଙ୍ଗିଲ୍‌ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ପ୍ରତିଯୋଗିତା ବର୍ମିଂହାମ୍‌ରେ ଚାଲିଛି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଜର୍ମାନୀର ୟିଭୋନି ଲିଆପ୍ତର ଖେଳରୁ ବାହାରି ଯାଇଥିଲେ। ସିନ୍ଧୁ ପରବର୍ତ୍ତୀ ଗେମ୍‌ରେ କୋରିଆର ଆନ୍ ସେ ୟଙ୍ଗ୍‌ଙ୍କୁ ଭେଟିବେ।